## ପ୍ରାଥମିକ ଚିକିତ୍ସା ସବୁ ସମୟରେ ଗୁରୁତ୍ୱପୂର୍ଣ୍ଣ

ଜୟପୁର,(ନି.ପ୍ର.): ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭ଟି ଜିଲାର ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀଙ୍କୁ ନେଇ ଏକ ଜୋନସ୍ତରୀୟ ପ୍ରାଥମିକ ଚିକିତ୍ସା ଉପଚାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଉପଚାର ପ୍ରଶିକ୍ଷକ ଡି. ଆଶିଷ କୁମାର ରାଠୋର ଯୋଗ ଦେଇ ଦୁର୍ଘଟଣା ପରବର୍ତ୍ତୀ ସମୟରେ ପ୍ରାଥମିକ ଚିକିତ୍ସାର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ, ପଞ୍ଚାନନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତି ସଦସ୍ୟ ସମ୍ମାନିତ



ଦାମନଯୋଡି,୯।୩ (ହଇ.ଏନ.ଏ.): ଦାମନଯୋଡିସ୍ଥିତ ପତଞ୍ଜଳି ଯୋଗ ସମିତି ପକ୍ଷରୁ ନାଲକୋ କମ୍ୟୁନିଟି ସେଣ୍ଟରଠାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ଡ. ନିରୋଦ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ନାଲକୋ ମହାପ୍ରବନ୍ଧକ (ଏସପିପି) ସୁରେଶ ଚନ୍ଦ୍ର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜାଦିକା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ୭୫ କୋଟି ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୋଗ ପରିବାରର ସମସ୍ତ ଭଉଣୀ ଭାଇଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉପସ୍ଥିତ ନୟନା ପ୍ରଧାନ ଓ ସୁଶ୍ରୀ ସଙ୍ଗୀତା ପାଢ଼ୀ ନାରୀ ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ବ୍ରହ୍ମାନନ୍ଦ ସାମଲ ମଞ୍ଚ ସଂଯୋଜନା କରିଥିଲେ। ପ୍ରକାଶ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୋଗେନ୍ଦ୍ର ସେଠୀ, ଶାନ୍ତି ଚକ୍ରବର୍ତ୍ତୀ, ଗାନ୍ଧୀ ସାହୁ ,ଭୀମ ରାଓ, ଅନିତା ଖରା ସହଯୋଗ କରିଥିଲେ। ଯୋଗ ପରିବାରର ୬୦ରୁ ସଦସ୍ୟ ଉପସ୍ଥିତ ଥିଲେ।

### ପୌରାଧକ୍ଷ ୩, କାଉନସିଲରରୁ ୫ ପ୍ରାର୍ଥୀ କଟିଲେ

#### ନାମାଙ୍କନପତ୍ର ଯାଞ୍ଚ ଶେଷ

ଜୟପୁର,୯।୩ (ନି.ପ୍ର .): ଜୟପୁର ପୌରପାଳିକା ନିର୍ବାଚନ ପାଇଁ ବୁଧବାର ଯାଞ୍ଚ ଶେଷ ହୋଇଛି। ପୌର ଅଧକ୍ଷ ପାଇଁ ୨୨ଟି ନାମାଙ୍କନ ହୋଇଥିବା ବେଳେ ଯାଞ୍ଚ ପରେ ୩ଟି କଟି ୧୯ଟି କାଏମ ରହିଛି। ସେହିପରି ୨୮ଟି ୱାର୍ଡ ପାଇଁ କାଉନସିଲର ପଦରେ ୧୩୩ଟି ନାମାଙ୍କନପତ୍ର ଦାଖଲ ହୋଇଥିବା ବେଳେ ଯାଞ୍ଚ ପରେ ୫ଟି ନାମାଙ୍କନପତ୍ର କଟି ୧୨୮ଟି କାଏମ ରହିଛି। ଆସନ୍ତା ୧୪ ତାରିଖ ମଧ୍ୟରେ ଯେଉଁ ପ୍ରାର୍ଥୀ ଚାହିଁବେ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ ବୋଲି ଉପଜିଲାପାଳ ଦେବବ୍ରତ ପ୍ରଧାନ ସୂଚନା ଦେଇଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ



ମାଲକାନଗିରି,୯।୩ (ଡି.ଏନ୍.ଏ.):ଧରିତ୍ରୀ ଖବରଦାତା ତଥା ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ନୃସିଂହ ମହାନ୍ତିଙ୍କ ମାଆ ପଦ୍ମାବତୀ ଦାସଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ପଦ୍ମାବତୀଙ୍କ ସ୍ୱାମୀ ରାଇଚରଣ ମହାନ୍ତିଙ୍କର ଗତ ତିନିବର୍ଷ ତଳେ ପରଲୋକ ହୋଇଥିଲା। ଏହି ଖବର ଜାଣିବା ପରେ ମାଲକାନଗିରିର ବହୁ ବ୍ୟକ୍ତି ଏବଂ ବିଜେଡି, ଭାଜପା ଓ କଂଗ୍ରେସ ଦଳର ବରିଷ୍ଠ ନେତାମାନେ ନୃସିଂହଙ୍କ ବାସଭବନକୁ ଯାଇ ପଦ୍ମାବତୀଙ୍କ ଶେଷ ଦର୍ଶନ କରିଥିଲେ।

### ଡାକ୍ତରଖାନା ସଫେଇ

କୋଷାଗୁମୁଡ଼ା, ୯।୩(ଡି.ଏନ୍.ଏ.): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ହର୍ଷ ଟ୍ରଷ୍ଟ କାର୍ଯ୍ୟାଳୟ ମହିଳାମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଜଣ ମହିଳା ଭାଗ ନେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ସମ୍ପୃକ୍ତ ମହିଳାମାନେ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ।

# ବିଦ୍ୟୁତ୍ ନାହିଁ, କ୍ରୀଡ଼ା ଛାତ୍ରାବାସ ଛାଡ଼ିଲେ ୨୫ ଛାତ୍ର

- ୩୦ ଲକ୍ଷ ବକେୟା ଯୋଗୁ ବିଦ୍ୟୁତ୍ କାଟିଛି ଟାଟା ପାୱାର
- ୧୦ ଦିନ ଧରି ସମସ୍ୟାରେ ଚଳୁଥିଲେ ଛାତ୍ରମାନେ
- ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛି: ଜିଲା କ୍ରୀଡ଼ା ଅଧିକାରୀ

ମାଲକାନଗିରି,୯।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଷ୍ଟାଡିୟମ ପରିସରରେ ଥିବା କ୍ରୀଡ଼ା ଛାତ୍ରାବାସରେ ବିଦ୍ୟୁତ୍ ସମସ୍ୟା ଯୋଗୁ ୨୫ ଜଣ ଅନ୍ତେବାସୀ ବୁଧବାର ଛାତ୍ରାବାସ ଛାଡିଛନ୍ତି। ଟାଟା ପାୱାର ପକ୍ଷରୁ ଗତ ୧୦ ଦିନ ତଳେ ଏହି କ୍ରୀଡ଼ା ଛାତ୍ରାବାସରୁ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ଫଳରେ ଛାତ୍ରାବାସର ଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାତିରେ ଖାଦ୍ୟ ରାନ୍ଧିବା, ପାଠ ପଢିବା କଷ୍ଟକର ହେଉଥିଲା। ଗରମ ଯୋଗୁ ସେମାନେ ଅତିଷ୍ଠ ହୋଇପଡୁଥିଲେ। ୧୦ ଦିନ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ କ୍ରୀଡା ବିଭାଗ ଓ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ବାଧ ହୋଇ ୨୫ ଜଣ ଛାତ୍ର ଛାତ୍ରାବାସ ଛାଡି ନିଜ ଘରକୁ ପଳାଇଛନ୍ତି। ଛାତ୍ରାବାସର ବକେୟା ବିଦ୍ୟୁତ୍ ଦେୟ ୪୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିଲା। ଏଥିପାଇଁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଛାତ୍ରାବାସର ବିଦ୍ୟୁତ୍ ସଂଯୋଗ ବିଭାଗ କାଟି ଦେଇଥିଲା। ସେଥିରୁ ୧୯ ଲକ୍ଷ ୭୫ ହଜାର ଟଙ୍କା ପୈଠ କରାଯାଇଥିଲା। ଅବଶିଷ୍ଟ ଏକ ମାସ ମଧ୍ୟରେ ଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଛାତ୍ରାବାସକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ତେବେ ଏକ ମାସ ମଧ୍ୟରେ ବକେୟା ଟଙ୍କା ୩୦ ଲକ୍ଷ ପୈଠ ନ ହେବାରୁ ୧୦ଦିନ ତଳେ ଛାତ୍ରାବାସରୁ ବିଦ୍ୟୁତ୍ ସଂଯୋଗକୁ କଟାଯାଇଥିଲା। ତେବେ ଛାତ୍ରମାନେ ଘରକୁ ଚାଲିଯାଉଥିବା ବେଳେ ସେମାନଙ୍କୁ ଜିଲା କ୍ରୀଡ଼ା ଅଧିକାରୀ କୁଳମଣି ନିଆଲ ଛାତ୍ରାବାସକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଏ ସମ୍ପର୍କରେ ନିଆଲଙ୍କୁ ପଚାରିବାରୁ ସେ କହିଲେ ଯେ, ଛାତ୍ରାବାସର ବକେୟା ବିଦ୍ୟୁତ୍ ଦେୟ ପୈଠ ଲାଗି ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଜିଲା ପ୍ରଶାସନ ଓ ସମ୍ପୃକ୍ତ କ୍ରୀଡ଼ା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବକେୟା ବିଦ୍ୟୁତ୍ ଦେୟ ପୈଠ କରି ଛାତ୍ରାବାସକୁ ବିଦ୍ୟୁତ୍ ସଂଯୋଗ କରି ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାରେ ଏହି କ୍ରୀଡ଼ା ଛାତ୍ରାବାସରୁ ଅନେକ କ୍ରୀଡା ପ୍ରତିଭା ଆନ୍ତଃଜିଲା, ଆନ୍ତଃରାଜ୍ୟ ଏବଂ ଜାତୀୟ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଜିଲା ପାଇଁ ସୁନାମ ଆଣିଛନ୍ତି।



କ୍ରୀଡ଼ା ଛାତ୍ରାବାସ ଛାଡିଥିବା ଛାତ୍ରମାନେ।

# ଯୋଜନାର ସଫଳ ରୂପାୟନ ନେଇ ସର୍ବଦା ଗୁରୁତ୍ୱ ଦିଅ: ପିଡି



ଜନ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

## ବ୍ଲକସ୍ତରୀୟ ଜନଶୁଣାଣି

କୁନ୍ଦୁରା,୯।୩ (ଡି.ଏନ୍. ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ପରିସରରେ ସମସ୍ତ ବିଭାଗକୁ ନେଇ ହୋଇଥିବା ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ପିଡି ହେମକାନ୍ତ ସଏ, କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝୀ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଅନିଲ ମହାରଣା, ଅଧିକାରୀ ନଳିନୀ ଟାକ୍ରି, ସିଡିପିଓ ଆରତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତଗୁଡିକରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା ନେଇ ୩ମାସ ଧରି ସାମାଜିକ ସମୀକ୍ଷା ଚାଲିଥିଲା। ଏଥିରେ କେଉଁ ସବୁ କାର୍ଯ୍ୟ ହୋଇଛି ଏବଂ କେଉଁ କାର୍ଯ୍ୟଗୁଡିକରେ ସମସ୍ୟା ରହିଛି ସେନେଇ ପ୍ରକଳ୍ପ ନିର୍ଦ୍ଦେଶକ ସଏଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଯେଉଁ ସ୍ଥାନରେ ସମସ୍ୟା ରହିଛି ସେହି ସ୍ଥାନଗୁଡିକ ପରିଦର୍ଶନ କରି ସମସ୍ୟାର ସମାଧାନ କରିବାକୁ ବିଡିଓ ମିଶ୍ରଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଏଣିକି ପ୍ରତି ଗ୍ରାମ ପଞ୍ଚାୟତରେ ଅଭିଯୋଗ ପ୍ରକୋଷ୍ଠ କରି ସୋମବାର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ଗୁରୁକୃଷ୍ଣ ନାୟକ, ପିଇଓ ସୁରେଶ ହୋତା, ବ୍ଲକ ସହକାରୀ ଯନ୍ତ୍ରୀ ଲମ୍ବଦୋର ନାୟକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱାସର ପର୍ବ ଝାମିଯାତ୍ରା

- ରାଜାରାଜୁଡ଼ା ଅମଳରୁ ପାଳିତ ହେଉଛି ଏହି ଯାତ୍ରା
- ଶିବରାତ୍ରି ପରଠାରୁ ଦଶଦିନ ଧରି ଚାଲିଥାଏ
- ବସନ୍ତ, ହାଡ଼ଫୁଟି, ମିଳିମିଳାରୁ ମିଳିଥାଏ ରକ୍ଷା



ସିରଲୀ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଜୟପୁର,୯।୩ (ନି.ପ୍ର.)

ଝାମିଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଜୟପୁର। ଏହି ଯାତ୍ରାରେ ସିରଲୀ ଦେବୀଙ୍କୁ ପୂଜା କରାଯାଇଥାଏ। ଶିବରାତ୍ରିଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି। ଶିବରାତ୍ରି ଦିନ ଶିବମନ୍ଦିରରେ ପୂଜା କରାଯାଇଥାଏ । ପରେ ଝାମିଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଜଣେ ବାଳକକୁ ହଳଦୀ ଲଗାଯାଇ ସଜ କରାଯାଇଥାଏ। ପରେ ତାଙ୍କୁ ନେଇ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହର ପରିକ୍ରମା କରାଯାଇଥାଏ । ବସନ୍ତରତୁ ସରିବା ପରେ ବସନ୍ତ, ହାଡ଼ଫୁଟି, ମିଳିମିଳା, କାଛୁକୁଣ୍ଡିଆ ଭଳି ରୋଗରୁ ମୁକ୍ତି ପାଇବା ପାଇଁ ରାଜାରାଜୁଡା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଏହି ଝାମିଯାତ୍ରା। ଶିବରାତ୍ରି ପରେ ଫାଲ୍‌ଗୁନ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ବୁଧବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠଠାରେ ଏକ ଅସ୍ଥାୟୀ ମଣ୍ଡପ କରାଯାଇ ପୂଜା କରାଯାଇଛି। ଶିବରାତ୍ରିରେ ମହାଦେବଙ୍କ ଦର୍ଶନ ପରେ ପୂଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହିଗୁଡିକର ଘରେ ହଳଦୀ ଓ ନିମ୍ବପତ୍ର ଚାଙ୍ଗୁଡ଼ିରେ ବାଣ୍ଟିଥାନ୍ତି । ଏହା ଦ୍ୱାରା ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ପ୍ରତିବଦଳରେ ଶ୍ରଦ୍ଧାଳୁମାନେ ଚାଉଳ, ପନିପରିବା ଓ କିଛି ଟଙ୍କା ସେହି ଚାଙ୍ଗୁଡ଼ରେ ଦେଇଥାନ୍ତି । ମାନସିକ ରଖି ଲୋକେ ଫୁଲ ଝାଡୁ, କୁକୁଡ଼ା ଅଣ୍ଡା, ନଡ଼ିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି। ଏହି ଯାତ୍ରା ଶିବରାତ୍ରି ପରଠାରୁ ଦଶଦିନ ଧରି ଚାଲିଥାଏ । ଏହି ଅବସରରେ ଶୋଭାଯାତ୍ରା ୭ଦିନ ଧରି ସକାଳୁ ୮ଟାରୁ ବାହାରି ଅପରାହ୍ନ ୧ଟାଯାଏ ଚାଲିଥାଏ। ଶୋଭାଯାତ୍ରାରେ ଯାହା ସବୁ ମିଳେ ସନ୍ଧ୍ୟାରେ ତାହା ପୂଜାରେ ଲାଗିଥାଏ । ପୁଣି ଯାହା ବଳକା ହୋଇଥାଏ ନବମୀ ଦିନ ପୂଜା ପାଇଁ ରଖାଯାଏ। ରାତ୍ର ୧୨ଟାରେ ପରମ୍ପରା ଅନୁଯାୟୀ ଲାଲ ଘରକୁ ଯାଇ ଝାମି ଦେବୀ ଫେରିଥାନ୍ତି ପୀଠକୁ। ପୂଜା ପାଇଁ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ବେଶି ଭିଡ଼ ଜମିଥାଏ। ଜୟପୁର, ବୈପାରିଗୁଡ଼ା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଆଦି ସ୍ଥାନରୁ ଶ୍ରଦ୍ଧାଳୁମାନେ ଯାତ୍ରା ଦେଖିବାକୁ ଆସିଥାନ୍ତି ।

# ଅଧକ୍ଷ ପଦରେ ୯, କାଉନସିଲର ପାଇଁ ରହିଲେ ୫୫ ପ୍ରାର୍ଥୀ

## ପୌର ନିର୍ବାଚନ: ପ୍ରାର୍ଥିପତ୍ର ଯାଞ୍ଚ ଶେଷ

ମାଲକାନଗିରି,୯।୩(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ ୨ତାରିଖରୁ ମାଲକାନଗିରି ପୌର ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୭ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସରେ ଅଧକ୍ଷ ପଦ ପାଇଁ ୯ ଜଣ ଓ ୧୯ଟି ୱାର୍ଡ ପାଇଁ ୫୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ପରେ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ଥିବା ପୌର ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ଖେମୁଡୁ କହିଛନ୍ତି। ତେବେ ପୌର ଅଧକ୍ଷ ପଦରେ ବିଜେଡିର ମନୋଜ ବାରିକ, କଂଗ୍ରେସର ଜି. ଶ୍ରୀନିବାସ ରାଓ, ଭାଜପାର ଶ୍ୟାମଲ ସୁନାନୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଆକଳନ କରାଯାଉଛି। ସ୍ୱାଧୀନ ପ୍ରାର୍ଥୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଲୋଚନା ହେଉଛି।



ଭାଜପା, ବିଜେଡି ଓ କଂଗ୍ରେସର ଅଧକ୍ଷ ପ୍ରାର୍ଥୀମାନେ।

# ବୈଜ୍ଞାନିକ ପ୍ରଣାଳୀରେ ଫସଲ ନେଇ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ।

ଜୟପୁର, ୯।୩ (ନି.ପ୍ର.)

ବୈଜ୍ଞାନିକ ବୈଜ୍ଞାନିକ ପ୍ରଣାଳୀରେ ଫସଲ ଅମଳ ନେଇ ଇଫ୍‌କୋ ପକ୍ଷରୁ ଏକ ଆଲୋଚନାଚକ୍ର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା କୃଷି ଅଧିକାରୀ ବିଜୟ ସୋରେନ ଯୋଗଦେଇ କୃଷି ଅଗ୍ରଗତି ପାଇଁ ରୋଗ ପୋକ ନିୟନ୍ତ୍ରଣ, ଜୈବ ପଦ୍ଧତି, ବିହନ ବିଶୋଧନ ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ମୃତ୍ତିକା ରସାୟନବିତ୍ ଜି.ଭି. ରେଡ୍ଡି ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରୂପେ ନାବାର୍ଡ ଡିଡିଏମ୍ ଏମ୍.ଏମ୍. ବେହେରା ଓ ଓଡ଼ିଶା କୃଷି ଶିଳ୍ପ ନିଗମର ଜିଲା ପ୍ରବନ୍ଧକ ଆଶିଷ କୁମାର ସିଂ ଉପସ୍ଥିତ ଥିଲେ। ଇଫ୍‌କୋର ଉପକ୍ଷେତ୍ର ପ୍ରବନ୍ଧକ ସୁବାସଚନ୍ଦ୍ର ଜେନା ଯୋଗଦେଇ ନାନୋ ୟୁରିଆ ସହ ଇଫ୍‌କୋର ବିଭିନ୍ନ ଉତ୍ପାଦ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। କ୍ଷେତ୍ର ଅଧିକାରୀ ବିଶ୍ୱରଞ୍ଜନ ଜୟସିଂ, ହର୍ଷ ଟ୍ରଷ୍ଟ ସଂଯୋଜକ ପ୍ରବୀଣ ତ୍ରିପାଠୀ, ଆଇପିଏଲ୍ କ୍ଷେତ୍ର ଅଧିକାରୀ ଚିରଞ୍ଜୀବୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାଟନେଶ୍ୱରୀ କୃଷି ସମବାୟ ସମିତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡ୍ରାଇଭର-ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ମୁହାଁମୁହିଁ

ମାଲକାନଗିରି,୯।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଡ୍ରାଇଭର ସଂଘ ଓ ଘରୋଇ ବସ୍ ମାଲିକ ସଂଘ କର୍ମଚାରୀଙ୍କ ମଧ୍ୟରେ ବୁଧବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉଭୟ ସଂଘ କର୍ମକର୍ତ୍ତା ଓ ଡ୍ରାଇଭରମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଆଲୋଚନା ହୋଇ ସମସ୍ୟା ସମାଧାନ ହୋଇଛି। ଖବରରୁ ଜଣାପଡିଛି ଗତ ଦୁଇଦିନ ତଳେ ହାଇଦ୍ରାବାଦରୁ ମାଲକାନଗିରି ଆସୁଥିବା ଗୁପ୍ତା ବସ୍ ସୋମବାର ମାଲକାନଗିରିରେ ପହଞ୍ଚି ବସ୍‌ଷ୍ଟାଣ୍ଡରେ ବସ୍ ରଖି ୨ଜଣ ଡ୍ରାଇଭର ଓ କଣ୍ଡକ୍ଟର ବିଶ୍ରାମ ନେଉଥିଲେ। ରାତିରେ ଘରୋଇ ବସ୍ ମାଲିକ ସଂଘର ଦୁଇ ଜଣ କର୍ମଚାରୀ ଆସି ଏହି ବସ୍‌କୁ ସେଠାରୁ କାଢ଼ିବା ପାଇଁ କହିଥିଲେ। ସେଠାରେ ଭୋରରୁ ତାଙ୍କ ବସ୍ ଲାଗିବ ବୋଲି ପ୍ରକାଶ କରିଥିଲେ। ଫଳରେ ବସ୍ କର୍ମଚାରୀ ସେଠାରୁ ବସ୍ ଅନ୍ୟତ୍ର ନେଇ ରଖି ବିଶ୍ରାମ ନେଉଥିଲେ। ଏହାର କିଛି ସମୟ ପରେ ପୁଣି କେତେଜଣ ବ୍ୟକ୍ତି ଆସି ଏହି ଦୁଇ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ବସ୍‌ରୁ ବାହାରକୁ ଡାକି ସେମାନଙ୍କୁ ମାଡ଼ ମାରିଥିଲେ। ଫଳରେ ଏହାର ପ୍ରତିବାଦରେ ବୁଧବାର ଡ୍ରାଇଭର ସଂଘର ପ୍ରାୟ ୨୦୦ ଡ୍ରାଇଭର ଆସି ଘରୋଇ ବସ୍ କର୍ମଚାରୀ ସଂଘର କର୍ମଚାରୀଙ୍କୁ ଡାକିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଗଣ୍ଡଗୋଳ ହୋଇଥିଲା । ଏ ସମ୍ପର୍କରେ ପୋଲିସ ଖବର ପାଇ ଡ୍ରାଇଭର ସଂଘ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ଥାନାକୁ ଡକାଇଥିଲା। ଥାନାରେ ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ ଡ୍ରାଇଭରଙ୍କୁ ମାଡ ମାରିଥିବା ସ୍ୱୀକାର କରିଥିଲେ। ଡ୍ରାଇଭର ସଂଘ କର୍ମକର୍ତ୍ତା ମଧ୍ୟ ସେମାନଙ୍କୁ ମାଡ ମାରିଥିବା କହିଥିଲେ। ପରେ ଥାନାରେ ଦୁଇ ଗୋଷ୍ଠୀଙ୍କ ନାମରେ ମାମଲା ରୁଜୁ କରାଯାଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇଥିଲା। ଭବିଷ୍ୟତରେ ଏପରି କୌଣସି ଗଣ୍ଡଗୋଳ ହେବ ନାହିଁ ବୋଲି ଉଭୟ ଗୋଷ୍ଠୀ ପୋଲିସକୁ ଜଣାଇ ଥାନାରୁ ଫେରିଥିଲେ।

# ସମସ୍ୟାରେ ୭,୮ ନଂ. ୱାର୍ଡବାସୀ



- ଜରିପାଲ ତଳେ ଜୀବନ ବିତାଉଛନ୍ତି ଲୋକେ
- ଉଦାସୀନ ମୁଦ୍ରାରେ ପ୍ରଶାସନ,ଜନ ପ୍ରତିନିଧି
- ଭୂମିହୀନଙ୍କୁ ମିଳିନି ଜାଗାର ପଟ୍ଟା

ସୁନାବେଡ଼ା, ୯।୩ (ସ୍ୱ. ପ୍ର.)

ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ମାତ୍ର ଏଥିରୁ ଲୋକେ ଉପକୃତ ହେଉ ନ ଥିବା ଅଭିଯୋଗ ହେଉଛି। ସୁନାବେଡ଼ା ୮ନଂ. ୱାର୍ଡ ଏଇଏଫ୍ ମାର୍କେଟ ନିକଟସ୍ଥ ଡ୍ରାଇଭର କଲୋନିରେ ସୁଧୁରୁନି ସମସ୍ୟା। କଲୋନିର ଆରମ୍ଭରେ ରହୁଥିବା ଦୁଇଟି ପରିବାର ଦୁଃଖ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଗୋଟିଏ ପରିବାର ଜରିପାଲ ତଳେ ଦିନ କାଟୁଥିବା ବେଳେ ଅନ୍ୟ ଏକ ପରିବାର ନିଜଘର ବଦଳରେ ଅନ୍ୟ ଜଣଙ୍କ ବାରଣ୍ଡାରେ ଜୀବନ ବିତାଉଛନ୍ତି। ସେମାନଙ୍କ ସମ୍ପର୍କରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ମଧ୍ୟ କିଛି ସୁଫଳ ମିଳିନାହିଁ। ସେହିପରି ୭ ଓ ୮ ନମ୍ବର ୱାର୍ଡରେ କିଛି ବର୍ଷ ତଳେ ଭୂମିହୀନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ହିତାଧିକାରୀ ଜାଗାର ପଟ୍ଟା ପାଇନାହାନ୍ତି। ୱାର୍ଡବାସୀଙ୍କ ଅଭିଯୋଗ ଅନୁସାରେ ଏଠାରେ ୨୦୧୨-୧୩ ବର୍ଷରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ତାହା ଏପର୍ଯ୍ୟନ୍ତ ଲୋକଙ୍କ କାମରେ ଲାଗିପାରିନାହିଁ। ପରେ ୨୦୧୮ରେ ଏହାର ମରାମତି ବାବଦରେ ପୁଣି ୩ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ଅଥଚ ଏଯାଏ ଶୌଚାଳୟ ତାଲା ଖୋଲାଯାଇପାରିଲା ନାହିଁ। କଲୋନିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟ ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି। ୭ନଂ. ୱାର୍ଡ ରାଜୀବ କଲୋନିଠାରୁ ହାଉସିଂ ବୋର୍ଡ ରାସ୍ତା ଅବସ୍ଥା ଶୋଚନୀୟ। ୨୦୧୬ରୁ ଏପର୍ଯ୍ୟନ୍ତ ଏହି ୧କି.ମି. ମାଟି ରାସ୍ତା ପକ୍କାରାସ୍ତା ହୋଇପାରିନାହିଁ। ପାନୀୟ ଜଳ ଲାଗି ବିଛାଯାଇଥିବା ପାଇପ୍‌କୁ ବର୍ଷାପାଣି ନିଷ୍କାସନ ଡ୍ରେନ୍ ମଧ୍ୟ ଦେଇ ଯାଇଥିବାରୁ ପାଇପ୍ ଫାଟି ଆବର୍ଜନା ପାଣି ମିଶୁଛି। ସେହିପରି ଦାସ କଲୋନି ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷାଦିନେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥାଏ। ଉକ୍ତ ଅଞ୍ଚଳରେ ରହୁଥିବା ୨୦ରୁ ଉର୍ଦ୍ଧ୍ୱ ପରିବାର ଦୁର୍ଦ୍ଦଶାରେ ଦିନ କାଟିଥାନ୍ତି। ରାସ୍ତାକଡ଼ରେ ଡ୍ରେନ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ପୌର ପ୍ରଶାସନଠାରୁ ଜନ ପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାହା ଏଯାଏ ହୋଇପାରିନାହିଁ। ୮ ନଂ. ୱାର୍ଡର ପ୍ରତିନିଧି ଅଶୋକ ମାଝି ପ୍ରଶାସନକୁ ଏନେଇ ଜଣାଇଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ଲୋକଙ୍କ ସମସ୍ୟା ସମାଧାନ କରିପାରିନାହିଁ।

DSPL-419

ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

"ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ"

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ। ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ।
- ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

## ଅବକାରୀ ଚଢ଼ାଉ, ଜଣେ ଗିରଫ

ଚନ୍ଦାହାଣ୍ଡି, (ଡି.ଏନ୍.ଏ.): ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୁ ଆୟଲଙ୍କ ନେତୃତ୍ୱରେ ରାଇଘର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଶ ଜାଲଙ୍କ ପରିଚାଳନାକ୍ରମେ ଏକ ଅବକାରୀ ଟିମ୍ ଚନ୍ଦାହାଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଉକ୍ତ ଟିମ୍ ବିପୁଳ ପରିମାଣରେ ମହୁଲ ପୋଚ ଓ ଚୋରା ମଦ ଜବତ କରି ତାହାକୁ ନଷ୍ଟ କରିଛି। ପୋଲିସ ଫଲସାପଡ଼ା ଗ୍ରାମର ହେମଧର ବାଗଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଅବକାରୀ ବିଭାଗ ଉମରକୋଟ ଏଏସ୍‌ଆଇ ସୁନାଧର କିର୍ଷାନୀ, କନଷ୍ଟେବଲ ସୁରେନ୍ଦ୍ର କୁମାର ପଣ୍ଡା, ଦେବାଶିଷ ଦାସ, ଛତର ଗଣ୍ଡ, ଜ୍ୟୋତ୍ସ୍ନା ହରିଜନଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଧୋଡ଼ିପାଣି, ଫଲସାପଡ଼ା, ମୋତିଗାଁ, ଖଇରଭାଡ଼ି, ଲୁହାବାହିଲି, ହରଡ଼ାପଡ଼ା, କୁକୁଡ଼ି ଅଞ୍ଚଳରେ ଚଢ଼ାଉ କରିଥିଲା। ୪୦୦ଲିଟର ମହୁଲ ପୋଚ ଓ ୩୦ଲିଟର ମହୁଲି ମଦ ନଷ୍ଟ କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଓକିଲ ସଂଘ ନିର୍ବାଚନରେ ସରିଲା ପ୍ରାର୍ଥିପତ୍ର ଯାଞ୍ଚ

ଗୁଣପୁର, ୯।୩(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ବିଭିନ୍ନ ପଦ ପଦବୀ ନିମନ୍ତେ ବୁଧବାର ନାମାଙ୍କନପତ୍ର ଯାଞ୍ଚ ସରିଛି। ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଥିବା ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ବିଶ୍ୱନାଥ ସାହୁ ସୂଚନା ଦେଇଛନ୍ତି। ବିଭିନ୍ନ ପଦ ପଦବୀ ନିମନ୍ତେ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ସଭାପତି ପାଇଁ ୪, ସମ୍ପାଦକ ପାଇଁ ୩ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଭାପତି ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ, ଗୌରୀଶଙ୍କର ଦାସ, ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ରମେଶ ଚନ୍ଦ୍ର ଲିମା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବିଷ୍ଣୁ ପାଢ଼ୀ ଏବଂ ଜଗଦିଶ ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉପ ସଭାପତି ଭାବେ ସରୋଜ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକଭାବେ ଭାଗିରଥୀ ବାଙ୍ଗାରି ଏବଂ କୋଷାଧକ୍ଷଭାବେ ରାଜକିଶୋର ଦାସ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହର ଏବଂ ୨୬ରେ ନିର୍ବାଚନ ସହ ଭୋଟ ଗଣତି ହେବ।

### ନବନିର୍ବାଚିତ ସରପଞ୍ଚଙ୍କୁ ଶୁଭେଚ୍ଛା ଜଣାଇଲେ ସମର୍ଥକ



ମୁନିଗୁଡ଼ା, ୯।୩ (ଡି.ଏନ୍.ଏ.): ମୁନିଗୁଡ଼ା ପଞ୍ଚାୟତ ସରପଞ୍ଚ ସରସ୍ୱତୀ ଶବରଙ୍କୁ ବୁଧବାର ତାଙ୍କ ସମର୍ଥକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି। ସରପଞ୍ଚ ଦାୟିତ୍ୱ ନେବା ପୂର୍ବରୁ କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ କରାଇଥିଲେ। ସେ ୧୧ ତାରିଖରେ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି କହିଛନ୍ତି। ୧୫ ୱାର୍ଡରେ ପ୍ରଥମେ ପିଇବା ପାଣି ଓ ରାସ୍ତାଘାଟ ପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି। ଏହି ଅବସରରେ ଏମ୍‌ପି ପ୍ରତିନିଧି ମାନସ ବେହେରା, ଯୁବନେତା ଭୋଳାନାଥ ବିଶ୍ୱାଳ, ମହମ୍ମଦ ୟାସିନ, ଡମ୍ବରୁ ବାଗ, କ୍ଷେତ୍ର ମାର୍ଥା, ଟୁନା କରକରିଆ, ସୁରେନ ଗରଡ଼ିଆ, ଧ୍ରୁବ ବଳ କୋଟା, ଗୌର ବନ୍ଦର, ପରମାନନ୍ଦ ଗନ୍ତାୟତ,ବିରଞ୍ଚି ପାଲକା, ନାରାୟଣ ନାଗ, ଦିଲୀପ ବାତ୍ରାଙ୍କ ସମେତ ବହୁ ଯୁବନେତା ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳରେ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ

ଝରିଗାଁ, ୯।୩(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ଟୁଟିଗୁଡ଼ା ଗ୍ରାମରେ ହର୍ଷ ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନାବାର୍ଡ ଡିଡିଏମ୍ ବିକାଶ କୁମାର ଟିଗାଙ୍କ ସହ ଏଲ୍‌ଡିଏମ୍ ସୁକୁମାର ବକ୍ସି, ଏଫ୍‌ଏଲ୍‌ସି ଚନ୍ଦ୍ରଶେଖର ପଟ୍ଟନାୟକ, ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଡାକ୍ତର ସାରଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନାରୀ ସଶକ୍ତୀକରଣ ସକାଶେ ରାଜ୍ୟ ସରକାର ସର୍ବଦା ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ମହିଳାଙ୍କ ନେତୃତ୍ୱକୁ ସବୁବେଳେ ସମ୍ମାନ ଦେବା ପାଇଁ ଅତିଥିମାନେ କହିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା କରାଯାଇଥିଲା। ସେହିପରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂସ୍ଥାର ଚନ୍ଦନ କୁମାର ଜେନା, ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ସମାଜ ନିଶାମୁକ୍ତ ନ ହେଲେ ଆମେ ଆଗକୁ ଯାଇପାରିବା ନାହିଁ’

### ନିଶାମୁକ୍ତ ଭାରତ ଅଭିଯାନରେ ସାମାଜିକ କର୍ମୀଙ୍କୁ ତାଲିମ

ରାୟଗଡା ଅଫିସ, ୯।୩



ବୈଠକରେ ରାୟଗଡ଼ା ଜିଲାପାଳ ଓ ଉପସ୍ଥିତ ଅତିଥିମାନେ।

ନିଶାମୁକ୍ତ ଭାରତ ଅଭିଯାନ ନିମନ୍ତେ ବୁଧବାର ରାୟଗଡ଼ାସ୍ଥିତ ମିଶନ ଶକ୍ତି କକ୍ଷରେ ସାମାଜି କର୍ମୀଙ୍କୁ ତାଲିମ ଦିଆଯାଇଛି। ରାୟଗଡା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ନିରୀକ୍ଷକ ସୀମା କିରଣ ବେକ, ଶିକ୍ଷାବିତ୍ ଡା ନରେନ୍ଦ୍ର କୁମାର ମିଶ୍ର, ଡା ଦୁଷ୍ମନ୍ତ କୁମାର ମହାନ୍ତି, ନିଶାମୁକ୍ତ ଭାରତ ଅଭିଯାନ ନୂଆଦିଲ୍ଲୀ ସଂସାଧକ ନକୁଳ ମୋହନନ୍ଦ, ବରିଷ୍ଠ ରାଜ୍ୟ ସଂଯୋଜକ ପଙ୍କଜ ଗୁପ୍ତା, ରାଜ୍ୟ ସଂଯୋଜିକା ସ୍ୱର୍ଣ୍ଣାନନ୍ଦ ମହାପାତ୍ର, ଶ୍ରୀୟା ସାହାଣୀ ଉପସ୍ଥିତ ଥିଲେ। ସମାଜ ଯେ ପର୍ଯ୍ୟନ୍ତ ନିଶାମୁକ୍ତ ହୋଇନି, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିପରିବା ନାହିଁ ବୋଲି ଜିଲାପାଳ କହିଛନ୍ତି। ସାମାଜିକ କର୍ମୀମାନେ ତାଲିମ ନେଇ ସମର୍ପିତ ଭାବେ କାର୍ଯ୍ୟ କରିବା ଜରୁରୀ ବୋଲି ସେ କହିଛନ୍ତି। ଆଦିବାସୀ ଅଞ୍ଚଳରେ ସାମାଜିକ କର୍ମୀମାନେ ସଠିକ ଭାବେ କାର୍ଯ୍ୟ କଲେ ତାହା ନିଶାମୁକ୍ତ ହୋଇପାରିବ ବୋଲି ଶିକ୍ଷାବିତ ଡା ନରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଗ୍ରାମାଞ୍ଚଳରେ ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ନାଟକ ମାଧ୍ୟମରେ ସଚେତନ କରିବାକୁ ସେ କହିଥିଲେ। ନିଶାମୁକ୍ତ ଭାରତ ଏକ ସୁନ୍ଦର ପରିକଳ୍ପନା, ଆଜିର ସମାଜରେ ଯାହାର ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍ ଡା ଦୁଷ୍ମନ୍ତ କୁମାର ମହାନ୍ତି କହିଛନ୍ତି। ଏହା ଜନସଚେତନତା ସୃଷ୍ଟି ମାଧ୍ୟମରେ ନିଶା ସେବନ ରୋକାଯାଇପାରିବ। ଏହି କ୍ଷେତ୍ରରେ ସାମାଜିକ କର୍ମୀମାନେ ସଂକଳ୍ପବଦ୍ଧ ଭାବେ କର୍ତ୍ତବ୍ୟ ସମ୍ପାଦନା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟସ୍ତରୀୟ ସଂଶଧକମାନେ ତାଲିମ ପ୍ରଦାନ କରିଥିଲେ। ଏହି ଆଲୋଚନାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ତରିଆ କୁଲୁ, ଗୁଣପୁର ଉପଖଣ୍ଡ ସାମାଜିକ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଏଲ ସଂନ୍ତୋଷ କୁମାର ପ୍ରମୁଖ ଯୋଗଦାନ କରିଥିଲେ।

# ଜଳ ଯୋଗାଣ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗ କାଟିଦେଉଛି ବିଭାଗ

### ଜିଲାପାଳଙ୍କ ହସ୍ତକ୍ଷେପ ପରେ ଲୋକଙ୍କୁ ମିଳିଲା ପିଇବା ପାଣି

ନନ୍ଦାହାଣ୍ଡି, ୯।୩(ଡି.ଏନ୍.ଏ.)

ବିଦ୍ୟୁତ୍ ବିଲ୍ ପଇଠ ହୋଇ ନ ଥିବାରୁ ବିଦ୍ୟୁତ୍ ବିଭାଗ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡ଼ା ଗାଁରେ ଥିବା ଜଳ ଯୋଗାଣ କେନ୍ଦ୍ରରୁ ସଂଯୋଗ କାଟି ଦେଇଥିଲା। ଫଳରେ ଲୋକମାନେ ପାନୀୟ ଜଳ ନ ପାଇ ହନ୍ତସନ୍ତ ହୋଇଥିଲେ। ଜିଲାପାଳ ଡ. କମଳଲୋଚନ ମିଶ୍ର ଘଟଣା ସମ୍ପର୍କରେ ଅବଗତ ହେବା ପରେ ବିଦ୍ୟୁତ୍ ବିଭାଗକୁ ତୁରନ୍ତ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଲୋକମାନଙ୍କୁ ପିଇବା ପାଣି ମିଳିଥିଲା।

ପଡାଲଗୁଡ଼ା ଗାଁରେ ପ୍ରାୟ ୧୫ଶହ ଲୋକ ଅଛନ୍ତି। ବିଦ୍ୟୁତ୍ ବିଲ୍ ପଇଠ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ୨ ଦିନ ହେବ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ଖରାଦିନେ ପାଣି ନ ମିଳିବାରୁ ଲୋକେ ହନ୍ତସନ୍ତ ହୋଇଥିଲେ। ଖରାଦିନେ ପାନୀୟ ଜଳ ଯୋଗାଣ ଉପରେ ସରକାର ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ସ୍ଥାନୀୟ ଖବରଦାତାମାନେ ଘଟଣା ସମ୍ପର୍କରେ ଅବଗତ ହୋଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ତୁରନ୍ତ ଜଳ ଯୋଗାଣ କେନ୍ଦ୍ରରେ ଇଲେକ୍ଟ୍ରି ସଂଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଲୋକଙ୍କୁ ପାଣି ମିଳିଥିଲା। ବିଦ୍ୟୁତ୍ ବିଲ୍ ପଇଠ ସମ୍ପର୍କରେ ପଡାଲଗୁଡ଼ା ପିଇଓ ପ୍ରଫୁଲ୍ଲ କୁମାର ବାଗଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଭାଗ ମାସକୁ ମାସ ବିଲ୍ ଦେଉନାହାନ୍ତି। ତେଣୁ ଟଙ୍କା ବନ୍ଧା ଯାଇପାରୁନି। ବିଦ୍ୟୁତ୍ ବିଭାଗ ନୋଟିସ୍ ନ ଦେଇ ସଂଯୋଗ କାଟିଥିଲା ବୋଲି ସେ କହିଛନ୍ତି। ବିଦ୍ୟୁତ୍ ବିଭାଗ ଏପରି କାର୍ଯ୍ୟ କରିବା ଠିକ୍ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବରୁ ମଧ୍ୟ ଦହଣା, ଅଣ୍ଡାସର ଗ୍ରାମର ଜଳ ଯୋଗାଣ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗକୁ ବିଭାଗ ପକ୍ଷରୁ କାଟି ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସେଠାରେ ବିଦ୍ୟୁତ୍ ସଂଯୋଗ ମିଳିବା ପରେ ଲୋକମାନଙ୍କୁ ପାଣି ମିଳିଥିଲା।

## ପାଠ୍ୟ ଉପକରଣ ପ୍ରଦାନ

ଚନ୍ଦାହାଣ୍ଡି, ୯।୩(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ଜୁନାପାଣି ଆଶ୍ରମ ସ୍କୁଲରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଏସ୍‌ଏମ୍‌ସି ସଭାପତି ଭିକ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ତହସିଲଦାର ଜି. ରଶ୍ମିରେଖା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଡମ୍ବରୁଧର ଚୌହାନ, ମୋ ସ୍କୁଲ ସଭାପତି ଭୀମ ଡଙ୍ଗରୀ ଏବଂ କୈବଲ୍ୟ ପଟେଲ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ଶିକ୍ଷାର ଅଗ୍ରଗତି ବିଷୟରେ ବୁଝାଇଥିଲେ। ପ୍ରଥମରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଅନ୍ତେବାସୀଙ୍କୁ ୱେଲ୍‌କମ୍ କିଟ୍ ସହ ପାଠ୍ୟ ଉପକରଣ ଓ ଚକୋଲେଟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରିମିଚନ ଚୌହାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ନାୟକ, ଭାନୁମତି ମହାରଣା, ସସ୍ମିତା ବେହେରା, ମେଟ୍ରନ ଦୀପ୍ତିମୟୀ ସାମଲ, କର୍ମଚାରୀ ଶୁକ୍ରବାରୀ ମାଝି ଓ ମଇନା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୌର ନିର୍ବାଚନ

### ୧୪ ପୌରାଧ୍ୟକ୍ଷ, ୯୪ କାଉନ୍‌ସିଲରଙ୍କ ପ୍ରାର୍ଥିପତ୍ର ଯାଞ୍ଚ ଶେଷ

**ରାୟଗଡା ଅଫିସ, ୯। ୩:** ରାୟଗଡା ପୌରାଧ୍ୟକ୍ଷ ପଦ ପାଇଁ ୧୪ ଏବଂ ୨୪ ୱାର୍ଡ ପାଇଁ ୯୪ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ବୁଧବାର ଯାଞ୍ଚ ପରେ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ କରିଛନ୍ତି। ସୂଚନାନୁଯାୟୀ, ବିଜେଡିରୁ ମହେଶ ପଟ୍ଟନାୟକ, ଭାଜପାରୁ ପଦ୍ମନାଭ ଦାସ, କଂଗ୍ରେସରୁ ଆପଲ ସ୍ୱାମୀ କାଡ୍ରାକା ପୌରାଧ୍ୟକ୍ଷ ପାଇଁ ଲଢୁଛନ୍ତି।

### ଯାଞ୍ଚରେ କାଏମ ରହିଲା ସମସ୍ତଙ୍କ ନାମାଙ୍କନ

**ଗୁଣପୁର,(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ନିର୍ବାଚନରେ ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ହୋଇଛି। ସମସ୍ତଙ୍କ ନାମାଙ୍କନ କାଏମ ରହିଛି। ଅଧ୍ୟକ୍ଷା ପାଇଁ ୭ ଏବଂ କାଉନ୍‌ସିଲର ପାଇଁ ୬୫ ଜଣ ନାମାଙ୍କନ ଦାଖଲ କରିଥିଲେ। ବିଜେଡିରୁ ସଞ୍ଜୁକ୍ତା ସାହୁ, ଭାଜପାରୁ ୱାଇ. ଅନ୍ନପୂର୍ଣ୍ଣା, କଂଗ୍ରେସରୁ ରିନା ଶବର, ବିଏସ୍‌ପିରୁ ସୁଜାତା ପଟ୍ଟନାୟକ ଏବଂ ସ୍ୱାଧୀନ ଭାବେ ମମତା ଗୌଡ଼, ପ୍ରମିଳା ଗୌଡ଼ ଏବଂ ସ୍ନିଗ୍ଧାରାଣି ପାଣିଗ୍ରାହୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବିଜେଡି ପକ୍ଷରୁ ୧୯ ୱାର୍ଡରେ, ଭାଜପା ୧୬ରେ ଏବଂ କଂଗ୍ରେସ ୪ ୱାର୍ଡରେ ପ୍ରାର୍ଥୀ ଦେଇଛି। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ସମର୍ଥିତ ୧୯ ୱାର୍ଡରେ ପ୍ରାର୍ଥୀ ଦେଇଛନ୍ତି। ଅନ୍ୟ ୱାର୍ଡ ପାଇଁ ୭ ଜଣ କାଉନ୍‌ସିଲର ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ସବୁ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ଉମରକୋଟ, (ସ୍ୱ.ପ୍ର.): ଉମରକୋଟ ପୌର ନିର୍ବାଚନ ପାଇଁ ପ୍ରାର୍ଥୀମାନେ ଦାଖଲ କରିଥିବା ନାମାଙ୍କନପତ୍ରର ଯାଞ୍ଚ ବୁଧବାର ସରିଛି। ସବୁପ୍ରାର୍ଥୀଙ୍କ ନାମାଙ୍କନ କାଏମ ଥିବା ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ରାଉତ କହିଛନ୍ତି। ଉମରକୋଟ ପୌରାଧ୍ୟକ୍ଷ ପାଇଁ ୫ ଜଣ ନାମାଙ୍କନ ଦାଖଲ କରିଛନ୍ତି। କଂଗ୍ରେସ, ବିଜେଡି, ଭାଜପା, ବିଏସ୍‌ପି ଓ ସ୍ୱାଧୀନ ଭାବେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୧୪ ୱାର୍ଡ ପାଇଁ ୪୭ କାଉନ୍‌ସିଲର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୩ ପ୍ରମୁଖ ଦଳ ସବୁ ୱାର୍ଡରେ ପ୍ରାର୍ଥୀ ଦେଇଛନ୍ତି।

### ୱାର୍ଡ ୨ରେ ମମତା ମାଣ୍ଡାଙ୍ଗୀ ଅପ୍ରତିଦ୍ୱନ୍ଦ୍ୱୀ

ରାୟଗଡ଼ା ଅଫିସ: ରାୟଗଡ଼ା ପୌର ନିର୍ବାଚନ ନିମନ୍ତେ ଦାଖଲ ହୋଇଥିବା ନାମାଙ୍କନ ପତ୍ରଗୁଡିକର ବୁଧବାର ଯାଞ୍ଚ କରାଯାଇଛି। ରାୟଗଡ଼ା ପୌର ପରିଷଦ ୱାର୍ଡ ନମ୍ବର ୨ରେ କେବଳ ବିଜୁ ଜନତା ଦଳର ପ୍ରାର୍ଥିନୀ ମମତା ମାଣ୍ଡାଙ୍ଗୀ ନାମାଙ୍କନ ଦାଖଲ କରିଛନ୍ତି। ଯାଞ୍ଚବେଳେ ତାଙ୍କ ପ୍ରାର୍ଥିପତ୍ର କାଏମ ମଧ୍ୟ ରହିଛି। ଏହି ୱାର୍ଡଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏଠାରେ ଭାଜପା, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳ କିମ୍ବା କୌଣସି ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି।

### ଯାଞ୍ଚ ବେଳେ ଜଣେ କାଉନସିଲରଙ୍କ ନାମାଙ୍କନପତ୍ର ନାକଚ

**କୋରାପୁଟ,(ସ୍ୱ.ପ୍ର.):** କୋରାପୁଟ ମ୍ୟୁନିସିପାଲିଟି ନିର୍ବାଚନ ନେଇ ବୁଧବାର ନାମାଙ୍କନପତ୍ର ଯାଞ୍ଚ ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ସେ କାଉନସିଲର ପଦବୀରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ନିର୍ବାଚନରେ ୯୦ ଜଣ କାଉନସିଲ ପ୍ରାର୍ଥୀ ରହିଥିବାବେଳେ ୫ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ରହିଥିବା ଜଣାଯାଇଛି। ଅଧ୍ୟକ୍ଷ ପ୍ରାର୍ଥୀ ରୂପେ କଂଗ୍ରେସରୁ ଦେବାନନ୍ଦ ବେହେରା, ବିଜେଡିରୁ ଲଲାଟ ରଞ୍ଜନ ସେଠୀ,ଭାଜପାରୁ ଜି.ସଞ୍ଜୀବ କୁମାର, ସ୍ୱାଧୀନ ପ୍ରାର୍ଥୀ ଭାବେ ଖବରଦାତା ଭୁଷିତ କୁମାର ବିଡ଼ିକା ଓ ଶୁକ୍ରା ଖରା ରହିଛନ୍ତି। ସେହିପରି ୯୦ କାଉନସିଲ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସ, ବିଜେଡି, ଭାଜପାରୁ ୨୧ ଜଣ ଲେଖାଏ ରହିଥିବାବେଳେ ବଳକା ୨୭ ପ୍ରାର୍ଥୀ ବିଏସପି, ଆପ୍ ସମେତ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଆସନ୍ତା ୧୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# ବୈଜ୍ଞାନିକ ଦୃଷ୍ଟିକୋଣ ଆଧାରରେ ମୌଳିକ ଶିକ୍ଷା ପ୍ରଦାନ ଲକ୍ଷ୍ୟ


ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମାର୍ଥୀ।

ମୁନିଗୁଡ଼ା, ୯।୩(ଡି.ଏନ୍.ଏ.)

ମୁନିଗୁଡ଼ାସ୍ଥିତ ସୁଭଦ୍ରା ଉଦ୍ଧବ ମଙ୍ଗଳ ଭବନ ପରିସରରେ ବୁଧବାର ୨ଦିନିଆ ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନ, ଶିକ୍ଷା ସନ୍ଧାନ ଓ ଲିଭୋଲିଙ୍କର ମିଳିତ ସଂଯୋଜନାରେ ବିଜ୍ଞାନର ମୌଳିକ ଅବଧାରଣାକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଏବିଇଓ ଚିତ୍ତରଞ୍ଜନ ମିଶ୍ର, ସହଦେବ ଚିଚୁଆନ, ରାମଚନ୍ଦ୍ର ବେହେରା, ଜାତୀୟ ସମ୍ବଳ ବ୍ୟକ୍ତି ପ୍ରମୋଦ ମୈଥିଳୀ, ରାଜ୍ୟ ନଥିକର୍ତ୍ତା ଉପେନ୍ଦ୍ର ପଲାଇ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ମନୋରଞ୍ଜନ ଦଲାଇ, ବ୍ଲକ ସଂଯୋଜକ ଗୌରୀ ପ୍ରଧାନୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବୈଜ୍ଞାନିକ ଦୃଷ୍ଟିକୋଣ ଆଧାରରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ଅନୁଭବରୁ ଶିକ୍ଷାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରସାରିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଲିଭୋଲିଙ୍କ ଆଞ୍ଚଳିକ କାର୍ଯ୍ୟକ୍ରମ ସଂଯୋଜକ ଡ. ଚନ୍ଦନ କୁମାର ସିଂହଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟସ୍ତରର ୩୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ, ସ୍ନେହା, ସୁଜାତା, ଜଳନ୍ଧର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଓଲଟିଲା ବରଯାତ୍ରୀ ଗାଡ଼ି, ୩୦ ଆହତ

ରାୟଗଡା ଅଫିସ,୯।୩

କଲ୍ୟାଣସିଂହପୁର ଥାନା ଅଧୀନ ଭେଜା ଗାଁ ନିକଟରେ ଏକ ବରଯାତ୍ରୀ ଗାଡି ଓଲଟି ୩୦ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୁଯାୟୀ, ଭେଜା ଗାଁର ପ୍ରାୟ ୩୦ଜଣ ଏକ ଗାଡିରେ ବାହାଘର ପାଇଁ କନ୍ୟା ଘର ରାମଚନ୍ଦ୍ରପୁରକୁ ଯାଉଥିଲେ। ଏହି ସମୟରେ ଗାଡିଟି ଓଲଟି ପଡିବାରୁ ସମସ୍ତେ ଆହତ ହୋଇଥିଲେ। କଲ୍ୟାଣସିଂହପୁର ଓ କୋଲନରାରୁ ଆମ୍ବୁଲାନ୍ସ ଯାଇ ଆହତଙ୍କୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଘଟଣା ସ୍ଥଳରେ କଲ୍ୟାଣସିଂହପୁର ଓ ଚାନ୍ଦିଲି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଡିଏଲ୍‌ଏସ୍ ପକ୍ଷରୁ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା

ନବରଙ୍ଗପୁର, ୯।୩(ବି.ପ୍ର.)

ଜିଲା ଆଇନ ସେବା ପ୍ରାଧୀକରଣ (ଡିଏଲ୍‌ଏସ୍) ପକ୍ଷରୁ ଭର୍ଚ୍ଚୁଆଲ ମୋଡରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଡିଏଲ୍‌ଏସ୍ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଜଜ୍ ପ୍ରଣତୀ ସାହା ପୋକ୍‌ସୋ ଆକ୍ଟ ୨୦୧୨ ସମ୍ପର୍କରେ ଗଳ୍ପ ମାଧ୍ୟମରେ ଆଲୋଚନା କରିଥିଲ। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ ଘରୋଇ ହିଂସା ସୁରକ୍ଷା ଆଇନ ୨୦୦୫ ସଂପର୍କରେ ଆଲୋଚନା କରିଥିଲେ। ଘରୋଇ ହିଂସାକୁ ନିରବରେ ସହ୍ୟ ନକରି ଏହାକୁ ପ୍ରତିରୋଧ ପାଇଁ ଆଇନର ସହାୟତା ନେବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ମହିଳାଙ୍କ ଆଇନଗତ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର ବାଲ୍ୟ ବିବାହ ନିଷିଦ୍ଧ ଆଇନ ୨୦୦୬ ଉପରେ କତ ରଖିଥିଲେ। ସାମାଜିକ କର୍ମୀ ମନୋରମା ମାଝି, ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ ସାହୁ, ଅତିରିକ୍ତ ଜିଲା ଜଜ୍ ନିରଞ୍ଜନ ସାହୁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଦାସ ଓ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟ ରଞ୍ଜନ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଡିଏଲ୍‌ଏସ୍ ଭାରପ୍ରାପ୍ତ ସଚିବ ଅପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେରୋଜଗାରଙ୍କୁ ରୋଜଗାର ଦେଇ ସମାଜର ଉନ୍ନତି ଉପରେ ଗୁରୁତ୍ୱାରୋପ



ଶିଳ୍ପୋଦ୍ୟୋଗୀ ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଗୁଣପୁର,୯।୩(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଗାୟତ୍ରୀ ଫାର୍ମାସି କଲେଜରେ ଶିଳ୍ପଦ୍ୟୋଗି ସପ୍ତାହ ବୁଧବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଏକ ସଭା ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ, ପ୍ରଶାସନିକ ଅଧିକାରୀ ପି.ଭି.କଟେଶ୍ୱର ରାଓ, ପ୍ରିନସପାଲ ଡ.ପ୍ରକାଶ ଚନ୍ଦ୍ର ସେନାପତି, ଏମବିଏ ବିଭାଗ ମୁଖ୍ୟ ମାନସ ରଞ୍ଜନ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧାପିକା ଅର୍ଚ୍ଚନା ପ୍ରିୟଦର୍ଶୀନି ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରିୟଙ୍କା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଡିଆଇ ଏମ୍.କେ. ରତ୍ନମ, ସମ୍ମାନିତ ଅତିଥିଭାବେ ଦେବାଶିଷ ମହାନ୍ତି ଏବଂ ରିତେଶ କୁମାର ପଣ୍ଡା ଯୋଗ ଦେଇଥିଲେ। ଶିଳ୍ପ ଉଦ୍ୟୋଗୀ ଦ୍ୱାରା ଯେ କୌଣସି ବ୍ୟକ୍ତି ଉନ୍ନତି କରିପାରିବେ। ଏଥିସହ ବେରଜଗାରଙ୍କୁ ରୋଜଗାର ପନ୍ଥା ଦେଇ ସମାଜର ଉନ୍ନତି କରାଯାଇପାରିବ ବୋଲି ଅତିଥିମାନେ କହିଛନ୍ତି। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧାପିକା ଦିପାଲି ପାଢ଼ୀ ଧନ୍ୟବାଦ ଦେଇଥିଲେ। କଲେଜ ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳବାୟୁ ପରିବର୍ତ୍ତନରେ ଜୈବ ବିବିଧତାର ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋରାପୁଟ,୯।୩(ସ୍ୱ.ପ୍ର.)

ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ, ଭାରତ ଗବେଷଣା ପ୍ରତିଷ୍ଠାନ, ପ୍ରଗତି ଓ ୱାସନର ମିଳିତ ଆନୁକୂଲ୍ୟରେ ଏଡେଲଗିଭ ଫାଉଣ୍ଡେସନ ସହାୟତାରେ ବୁଧବାର କୋରାପୁଟସ୍ଥିତ ଏକ ହୋଟେଲ ସଭାଗୃହଠାରେ ଦୁଇଦିନିଆ ଜୈବ ବିବିଧତା ସଂରକ୍ଷଣ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନରେ ଜୈବ ବିବିଧତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉଦଘାଟନୀ ଉତ୍ସବରେ ପଶ୍ଚିମବଙ୍ଗ ବିଜ୍ଞାନ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଆର.କେ. ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ସେଠୀ, ଆରଆରଏ ନେଟୱର୍କର ଡ. ବାରା ପ୍ରସାଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ ସ୍ୱାଗତ ସୂଚନା ଦେଇଥିଲେ। ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଜିଏନ ହରିହରନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟତଃ କ୍ଷୁଦ୍ରଶସ୍ୟ ଚାଷର ପ୍ରକ୍ରିୟା ଓ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା ହୋଇ ଜଳବାୟୁ ପରିବର୍ତ୍ତନରେ ଜୈବ ବିବିଧତାର ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଜ୍ଞାନିକ ଡ. ରାଜେନ୍ଦ୍ର ଆର ଚାପକେ ମିଲେଟ ଅମଳରେ ବୃଦ୍ଧି ଏବଂ ଏହାର ପ୍ରୋସେସିଂ ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ। ପାରମ୍ପରିକ ବିହନ ନେଇ ଏକ ପ୍ରଦର୍ଶନୀ ମଧ୍ୟ ହୋଇଥିଲା।

# ଯୁଦ୍ଧ ବିଭୀଷିକା ବଖାଣିଲେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ର

### ଭାରତୀୟ ଦୂତାବାସରେ ୨ ଦିନ ରହି ଟ୍ରେନ୍‌ରେ ବର୍ଡର ପାର ହୋଇଥିଲେ

ନବରଙ୍ଗପୁର,୯।୩(ବି.ପ୍ର.)


ପରିବାର ଲୋକଙ୍କ ସହ ନୃସିଂହ ନାଥ ଓ ସୌରଭ।

ୟୁକ୍ରେନ୍‌ରେ ଫସିଥିବା ନବରଙ୍ଗପୁରର ଡାକ୍ତରୀ ଛାତ୍ର ନୃସିଂହ ନାଥ ପାତ୍ର ଓ ସୌରଭ ସାହୁ ଘରକୁ ଫେରିଛନ୍ତି। ସେଠାକାର ଯୁଦ୍ଧ ବିଭୀଷିକା ଓ ବଞ୍ଚିବା ପାଇଁ ସେମାନେ କରିଥିବା ସଂଗ୍ରାମ ସମ୍ପର୍କିତ ଅନୁଭୂତି ବଖାଣିଥିଲେ।

ନବରଙ୍ଗପୁର ସହର କେଉଟ ସାହିର ରଜନୀ ପାତ୍ରଙ୍କ ପୁଅ ନୃସିଂହ ନାଥ ୟୁକ୍ରେନ୍‌ର ଟେରନାପିନ ନ୍ୟାଶନାଲ ମେଡିକାଲ ୟୁନିଭରସିଟିରେ ଡାକ୍ତରୀ ପାଠ ପଢୁଥିଲେ। ଚଳିତବର୍ଷ ତାଙ୍କର ପାଠ୍ୟକ୍ରମର ପଞ୍ଚମ ବର୍ଷ ଥିଲା। ପାଠ୍ୟକ୍ରମ ଶେଷ ହେବା ପୂର୍ବରୁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଯିବାରୁ ଘରକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ୟୁକ୍ରେନ୍ ଉପରେ ହଠାତ୍ ଆକ୍ରମଣ କରିଥିଲା ରୁଷ। ଫଳରେ ଅନ୍ୟ ଭାରତୀୟଙ୍କ ସହିତ ନୃସିଂହ ନାଥ ମଧ୍ୟ ୟୁକ୍ରେନ୍‌ରେ ଫସି ଯାଇଥିଲେ। ସେ ୟୁକ୍ରେନ୍ ରାଜଧାନୀ କିଭ୍‌ରେ ଥିବା ଭାରତୀୟ ଦୂତବାସରେ ଆସି ୨ଦିନ ରହିଥିଲେ। ସେଠାରୁ ଟ୍ରେନ୍ ଯୋଗେ ୟୁକ୍ରେନ ବର୍ଡର ଅତିକ୍ରମ କରି ସ୍ଲୋଭାକିଆରେ ପହଞ୍ଚିଥିଲେ। ସେଠାରୁ ସୁରକ୍ଷିତ ଭାବେ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଦିଲ୍ଲୀ–ବିଶାଖାପାଟଣା ହୋଇ ନବରଙ୍ଗପୁରରେ ପହଞ୍ଚି ଥିବା ନେଇ ନୃସିଂହ ନାଥ କହିଛନ୍ତି। ସେହିଭଳି ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ଗାଁର ସୁବାସ ସାହୁଙ୍କ ଏକ ମାତ୍ର ପୁଅ ସୌରଭ ମଧ୍ୟ ୟୁକ୍ରେନ୍‌ର ମାଇକଲେଭରେ ଫସି ରହିଥିଲେ। ସେ ପେଟ୍ରୋ ମହିଲ ବ୍ଲକ ସି ନ୍ୟାଶନାଲ ୟୁନିଭରସିଟିରେ ପଢୁଥିଲେ। ସେ ମାଇକଲିଭରୁ ତିନି ଦିନ ବସ ଯାତ୍ରା କରି ଓଡେଶା, ମାଲଦିଆ ହୋଇ ରୋମାନିଆରେ ପହଞ୍ଚିବା ପରେ କେନ୍ଦ୍ର ସରକାରଙ୍କ ଚେଷ୍ଟାରେ ମୁମ୍ବାଇରେ ପହଞ୍ଚିଥିଲେ। ସେଠାରୁ ଭୁବନେଶ୍ୱର ଆସିବା ପରେ ନବରଙ୍ଗପୁର ଅଭିମୁଖେ ବାହାରିଥିଲେ। ଯୁଦ୍ଧ ବିଭୀଷିକା ଭିତରେ ସେମାନେ କିପରି ବଞ୍ଚିବାକୁ ସଂଗ୍ରାମ କରୁଥିଲେ ସେ ସମ୍ପର୍କରେ ସୌରଭ କହିଛନ୍ତି। ଘରକୁ ଫେରିଲା ପରେ ବାପା ସୁବାସ କୁମାର ସାହୁଙ୍କ ସହ ମିଶି ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜରୁରୀକାଳୀନ ଅଧିକାରୀ ମୌସୁମୀ ନାୟକଙ୍କୁ ଭେଟିଥିଲେ। ସେମାନଙ୍କ ଭବିଷ୍ୟତ ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ସୌରଭ ନିବେଦନ କରିଛନ୍ତି।

